# NATIONAL NEWS BULLETIN (ODIA)

## 8 April - 2026

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଚଳିତ ଖରିଫ୍ ଋତୁ ଲାଗି ଫସ୍‌ଫରସ୍ ଓ ପଟାସ୍ ବ୍ୟବହୃତ ସାର ଉପରେ ପୁଷ୍ଟି ଭିତ୍ତିକ ରିହାତି ସମେତ ଅନ୍ୟ କେତେକ ପ୍ରସ୍ତାବକୁ ମିଳିଲା କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ।
- ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ସତ୍ତ୍ୱେ ଦେଶର ଖଣି ଏବଂ ଶକ୍ତି କେନ୍ଦ୍ର ଗୁଡ଼ିକରେ ମହଜୁଦ ରହିଛି ଆବଶ୍ୟକ ପରିମାଣର କୋଇଲା ।
- ଆସାମ, କେରଳମ୍ ଓ ପୁଡୁଚେରୀ ବିଧାନସଭା ନିର୍ବାଚନ ଲାଗି ଆସନ୍ତାକାଲି ଭୋଟ ଗ୍ରହଣ ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଗୁଜରାଟ ଟାଇଟନ୍ସ ବିପକ୍ଷରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଲା ଦିଲ୍ଲୀ କ୍ୟାପିଟାଲ୍ସ ।

# କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି କେନ୍ଦ୍ର କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜିର ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଓ ପ୍ରସାରଣ ଏବଂ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି,

**VO-1-ASHWINI-VAISHNAV-5-DECISIONS**

ଶ୍ରୀ ବୈଷ୍ଣବ କହିଛନ୍ତି, ଖରିଫ୍ ଋତୁ ୨୦୨୬ ଲାଗି ଫସ୍‌ଫରସ୍ ଓ ପଟାସ୍ ବ୍ୟବହୃତ ସାର ଉପରେ ପୁଷ୍ଟି ଭିତ୍ତିକ ରିହାତି ଦର ଆଜି କ୍ୟାବିନେଟ୍‌ରେ ଅନୁମୋଦିତ ହୋଇଛି ।  ଖରିଫ୍ ଋତୁ ୨୦୨୬ ଲାଗି ବଜେଟ୍ ପରିମାଣ ପ୍ରାୟ ୪୧ ହଜାର ୫୩୪ କୋଟି ଟଙ୍କା ଆବଶ୍ୟକ ରହିଛି । ଆଜିର ଏହି ନିଷ୍ପତ୍ତି ଦ୍ୱାରା ଚାଷୀମାନଙ୍କୁ ରିହାତି ତଥା ସୁଲଭ ମୂଲ୍ୟରେ ସାର ଉପଲବ୍ଧତା ସୁନିଶ୍ଚିତ କରାଯାଇ ପାରିବ । ଗତ ଖରିଫ୍ ଋତୁ ତୁଳନାରେ ଚଳିତ ଥର ଏହି ରିହାତି ପରିମାଣ ୪ ହଜାର ୩୧୭ କୋଟି ଟଙ୍କା ଅଧିକ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି, ଆନ୍ତର୍ଜାତିକ ସ୍ତରରେ ସାର ଦରକୁ ଦୃଷ୍ଟିରେ ରଖି ସରକାର ଚଳିତ ମାସ ୧ ତାରିଖରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ପୁଷ୍ଟିଭିତ୍ତିକ ରିହାତି ଦର କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

**VO-2-ASHWANI-ON-KHARIF-CROP**

କ୍ୟାବିନେଟ୍‌ରେ ନିଆଯାଇଥିବା ଅନ୍ୟ କେତେକ ନିଷ୍ପତ୍ତି ଉପରେ ସୂଚନା ଦେଇ କେନ୍ଦ୍ର ରେଳ ମନ୍ତ୍ରୀ କହିଛନ୍ତି, ରାଜସ୍ଥାନର ଜୟପୁର ମେଟ୍ରୋର ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପକୁ ଆଜି କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛନ୍ତି । ପ୍ରହଲାଦ୍‌ପୁରାରୁ ଟୋଡି ମୋଡ୍‌କୁ ୪୧ କିଲୋମିଟର ଦୀର୍ଘ ଏହି ମେଟ୍ରୋ ରେଳପଥରେ ୩୬ଟି ଷ୍ଟେସନ୍ ରହିବ ଏବଂ ଏଥିଲାଗି ୧୩ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯିବ । ଏହି ପ୍ରକଳ୍ପ ରାଜସ୍ଥାନ ମେଟ୍ରୋ ରେଳ ନିଗମ ଲିମିଟେଡ୍ ଦ୍ୱାରା ସମ୍ପନ୍ନ କରାଯିବ ।

**VO-3-ASHWINI-ON-JAIPUR-METRO**

ଶ୍ରୀ ବୈଷ୍ଣବ କହିଛନ୍ତି, ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ଆଜି ଏଚ୍.ପି.ସି.ଏଲ୍. ରାଜସ୍ଥାନ ରିଫାଇନାରୀ ଲିମିଟେଡ୍ ପ୍ରକଳ୍ପର ମୂଲ୍ୟକୁ ୪୩ ହଜାର ୧୨୯ କୋଟି ଟଙ୍କାରୁ ୭୯ ହଜାର ୪୫୯ କୋଟି ଟଙ୍କାକୁ ବୃଦ୍ଧି କରିବା ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପ' ଶକ୍ତି କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭର କରିବା ସହିତ ପେଟ୍ରୋ କେମିକାଲ୍ କ୍ଷେତ୍ରରେ ଆମଦାନୀ ହାରକୁ ହ୍ରାସ କରିବା ଦିଗରେ ସହାୟକ ହେବ ବୋଲି ସେ କହିଛନ୍ତି ।

ଶ୍ରୀ ବୈଷ୍ଣବ କହିଛନ୍ତି, ଆଜିର କ୍ୟାବିନେଟ୍ ବୈଠକରେ ଅରୁଣାଚଳ ପ୍ରଦେଶରେ କମଳା ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ଲାଗି ୨୬ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ସମ୍ପର୍କିତ ଅନ୍ୟ ଏକ ପ୍ରସ୍ତାବ ମଧ୍ୟ ପାରିତ

ହୋଇଛି । ଏହି ପ୍ରକଳ୍ପ ୮ ବର୍ଷରେ ଶେଷ କରାଯିବାର ଆକଳନ କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ଇଣ୍ଟର ମିନିଷ୍ଟ୍ରିଆଲ୍-ବ୍ରିଫିଙ୍ଗ୍

ପଶ୍ଚିମ ଏସିଆରେ ଦେଖାଦେଇଥିବା ଦ୍ୱନ୍ଦ୍ୱ ସ୍ଥିତି ସତ୍ତ୍ୱେ ଦେଶର ଖଣି ଏବଂ ଶକ୍ତି କେନ୍ଦ୍ର ଗୁଡ଼ିକରେ ଆବଶ୍ୟକ ପରିମାଣର କୋଇଲା ମହଜୁଦ ଅଛି ବୋଲି ସରକାର କହିଛନ୍ତି । ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ସମ୍ପର୍କିତ ଆନ୍ତଃ ମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀରେ କୋଇଲା ମନ୍ତ୍ରଣାଳୟ ଯୁଗ୍ମ ସଚିବ ସଞ୍ଜୀବ କୁମାର କାଶୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଦେଶରେ କୋଇଲା ମୂଲ୍ୟରେ କୌଣସି ବୃଦ୍ଧି ଘଟିନାହିଁ । ପଶ୍ଚିମ ଏସିଆରେ ସୃଷ୍ଟ ସ୍ଥିତିକୁ ଦୃଷ୍ଟିରେ ରଖି କୋଇଲା କ୍ଷେତ୍ରରେ ସରକାରଙ୍କର ସମୟୋଚିତ ପଦକ୍ଷେପ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ଶ୍ରୀ କାଶୀ କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ଦେଶ ବ୍ୟାପି ଏଲ୍‌ପିଜି, ପେଟ୍ରୋଲ୍ ଓ ଡିଜେଲ୍ ପ୍ରଚୁର ମାତ୍ରାରେ ଉପଲବ୍ଧ ରହିଛି ଏବଂ ଏହାର ଯୋଗାଣ ପ୍ରକ୍ରିୟା ମଧ୍ୟ ସ୍ୱାଭାବିକ ଭାବେ କାର୍ଯ୍ୟ କରୁଛି । ଘରୋଇ ଉପଭୋକ୍ତାମାନଙ୍କ ଚାହିଦାକୁ ପ୍ରାଥମିକତା ଦେଇ ଯେଉଁଳି ପ୍ରତ୍ୟେକ ପରିବାରବର୍ଗକୁ ଶତପ୍ରତିଶତ ଏଲ୍.ପି.ଜି. ଯୋଗାଇ ଦିଆଯାଇପାରିବ ସେ

ଦିଗରେ ସରକାର ପଦକ୍ଷେପ ନେବା ସହିତ ବାଣିଜ୍ୟିକ ଏଲ୍.ପି.ଜି. ଯୋଗାଣ ପ୍ରକ୍ରିୟା ମଧ୍ୟ ନିୟମିତ କାର୍ଯ୍ୟ କରୁଛି । ଏଥିସହିତ ଦେଶ ବ୍ୟାପି ପି.ଏନ୍.ଜି. ସଂଯୋଗକୁ ସରକାର ସମ୍ପ୍ରସାରିତ କରିଛନ୍ତି ବୋଲି ସେ କହିଛନ୍ତି ।

**VO-4-SUJATA-SHARMA**

# ଏମ୍ଇଏ ସିଜ୍‌ଫାୟାର୍

ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇରାନ୍ ମଧ୍ୟରେ ଯୁଦ୍ଧ ବିରତିକୁ ଭାରତ ସ୍ୱାଗତ କରିଛି । ଏ ସମ୍ପର୍କରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ଏହି ପଦକ୍ଷେପ ପଶ୍ଚିମ ଏସିଆ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ଦିଗରେ ସହାୟକ ହେବା ସହିତ ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ସୁଗମ ହୋଇପାରିବ । ସମ୍ପୃକ୍ତ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ଲାଗି ଉତ୍ତେଜନା ହ୍ରାସ, କୂଟନୀତି ଏବଂ କଥାବାର୍ତ୍ତା ଉପରେ ଭାରତ ନିରନ୍ତର ଗୁରୁତ୍ୱାରୋପ କରିଆସିଛି । ପଶ୍ଚିମ ଏସିଆରେ ଜାରି ରହିଥିବା ସ୍ଥିତି ଦ୍ୱାରା ବିଶ୍ୱବାସୀ ପ୍ରଭାବିତ ହେବା ସହିତ ବିଶ୍ୱ ସ୍ତରରେ ଶକ୍ତି ଯୋଗାଣ ତଥା ବାଣିଜ୍ୟ କାରବାର ବାଧାପ୍ରାପ୍ତ ହୋଇଛି ବୋଲି ମନ୍ତ୍ରଣାଳୟ କହିଛି ।

# ଇଲେକ୍‌ସନ୍

ଆସାମ, କେରଳମ୍ ଓ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀରେ ଆସନ୍ତାକାଲି ବିଧାନସଭା ନିର୍ବାଚନ ପାଇଁ ମତଗ୍ରହଣ କରାଯିବ । ଏହି ସବୁ ସ୍ଥାନରେ ଭୋଟ ଦାନ ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ଆସାମ ବିଧାନସଭାର ୧୨୬ଟି, କେରଳମ୍‌ର ୧୪୦ ଏବଂ ପୁଡୁଚେରୀର ୩୦ଟି ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ । ଏଥିପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଗତକାଲି ସନ୍ଧ୍ୟାରେ ସେହି ଅଞ୍ଚଳଗୁଡ଼ିକରେ ନିର୍ବାଚନ ପ୍ରଚାର ଶେଷ ହୋଇଛି ।

ପୁଡୁଚେରୀରେ ମୋଟ୍ ୯ ଲକ୍ଷ ୫୦ ହଜାର ୬୩୯ ଜଣ ମତଦାତା ୨୯୪ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ମୋଟ୍ ମତଦାତାଙ୍କ ମଧ୍ୟରୁ ୨୪ ହଜାର ୯୧୯ ଜଣ ପ୍ରଥମଥର ଲାଗି ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରିବେ । ଏଥିଲାଗି ୧ ହଜାର ୯୯ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି । ସେଥିମଧ୍ୟରୁ କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ୩୦ଟି ପିଙ୍କ୍ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଥିବା ବେଳେ ଯୁବବର୍ଗଙ୍କ ଦ୍ୱାରା ପରିଚାଳିତ ୧୫ଟି ଏବଂ ଦିବ୍ୟାଙ୍ଗମାନଙ୍କ ଦ୍ୱାରା ପରିଚାଳିତ ଦୁଇଟି ଅନୁରୂପ କେନ୍ଦ୍ର ସ୍ଥାପନ କରାଯାଇଛି । ଏହି କେନ୍ଦ୍ର ଶାସିତ ଅଞ୍ଚଳରେ ମୋଟ୍ ୧୨ ହଜାର ୫୯୧

ପୋଷ୍ଟାଲ ଭୋଟ୍ ଜାରି କରାଯାଇଛି । ଏହି ନିର୍ବାଚନ ଲାଗି ପୁଡୁଚେରୀରେ ମୋଟ୍ ୪ ହଜାର ୮୩୬ ଜଣ ସରକାରୀ କର୍ମଚାରୀ, ୨ ହଜାର ୭୯୧ ପୁଲିସ୍ କର୍ମଚାରୀ ଏବଂ ୧୭୩ ଜଣ ମାଇକ୍ରୋ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି । ଏତଦ୍ ବ୍ୟତୀତ ନିର୍ବାଚନ ଆୟୋଗଙ୍କର ଆନ୍ତର୍ଜାତିକ ନିର୍ବାଚନ ପରିଦର୍ଶକ କାର୍ଯ୍ୟକ୍ରମ ଅଧୀନରେ ପୁଡୁଚେରୀର ମତଦାନ ପ୍ରକ୍ରିୟା ସମ୍ପର୍କରେ ଅଭିଜ୍ଞତା ହାସଲ କରିବା ଲାଗି ୬ଟି ଦେଶର ୯ ଜଣ ପ୍ରତିନିଧି ଇତିମଧ୍ୟରେ ସେଠାରେ ପହଞ୍ଚିଛନ୍ତି । ଏହି ଦେଶଗୁଡ଼ିକ ହେଲା କିର୍ଗିଜସ୍ତାନ, କୋଟେ ଡି'ଆଇଭରି, ମାଲଡୋଭା, ମଙ୍ଗୋଲିଆ, ଗୁଆନା ଏବଂ ଭୁଟାନ୍ ।

କେରଳମ୍‌ରେ ମୋଟ୍ ୮୮୩ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ୨ କୋଟି ୭୧ ଲକ୍ଷ ମତଦାତା ୩୦ ହଜାର ୪୯୫ଟି ଭୋଟ କେନ୍ଦ୍ରରେ ଆସନ୍ତାକାଲି ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରିବେ । ଏଥିଲାଗି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । କେରଳମ୍‌ରେ ୧୬୦ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବାହିନୀଙ୍କ ସମେତ ରାଜ୍ୟ ପୁଲିସ୍‌ର ୭୬ ହଜାର କର୍ମଚାରୀ ନିୟୋଜିତ ହୋଇଛନ୍ତି । ମତଦାନ ଶେଷ ହେବା ପର୍ଯ୍ୟନ୍ତ ରାଜ୍ୟବ୍ୟାପି ମଦଦୋକାନଗୁଡ଼ିକୁ ବନ୍ଦ ରଖାଯାଇଛି ।

ତାମିଲନାଡୁରେ ଗୋଟିଏ ପର୍ଯ୍ୟାୟ ନିର୍ବାଚନ ଓ ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଆସନ୍ତାକାଲି ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ । ଏହି ପର୍ଯ୍ୟାୟ ପାଇଁ ଗତକାଲି ନାମାଙ୍କନପତ୍ର ଗୁଡ଼ିକର ଯାଞ୍ଚ୍ ପ୍ରକ୍ରିୟା ଶେଷ ହୋଇଛି ।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବଚାନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆସନ୍ତାକାଲି ଶେଷ ହେଉଛି । ଭବାନୀପୁର ବିଧାନସଭା ଆସନରୁ ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଆଜି ତାଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି । ଗତ ସପ୍ତାହରେ ଏହି ଆସନରୁ ବିଧାନସଭାର ବିରୋଧୀ ଦଳ ନେତା ତଥା ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀ ତାଙ୍କ ନାମାଙ୍କନପତ୍ର ଦାଖଲ କରିଥିଲେ ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଆଉ କିଛି ସମୟ ପରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ମୁକାବିଲା ହେବ । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍ ଠାରେ ସନ୍ଧ୍ୟା ସାଢ଼େ ସାତଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।